On the basis of these findings Prof. Kanungo proposed a theoretical model which states that an organism develops from the single cell stage to the multicellular adult due to sequential activation and repression of genes that it inherits from the parents. The adulthood does not continue indefinitely as it is subjected to various types of stress such as reproduction, disease, malnutrition, starvation, temperature, radiation, psychological, etc. that affect various organs and lead to aging and death. Different individuals inherit different sets of genes and are subjected to different types of stress. Hence we all do not age the same way and do not have the same life span. Experiments carried out by Prof. Kanungo and others support the above model.

Currently, Prof. Kanungo is working on aging of the brain, particularly on the expression of the genes that are involved in neurotransmission at the synapse and normal brain function using mice as model. These studies shall provide insight into the mechanism of learning, memory, cognitive functions, and also neurodegenerative diseases, such as Parkinson's and Huntington's diseases whose frequency increases with increasing old age. This research is being supported by DBT and DST.

oDishA gOuraba : Padmashri Prof MS Kanungo

(He is an oDiA; taught in Ravenshaw. After establishing himself firmly in Indian academia, he was pivotal in persuading Biju Babu to establish a high-quality biological research institute in Orissa. That is how the Institute of Life Sciences (ILSc) came into existence. He was the founder-Director of ILSc for initial five years during which, despite old age and aging health, he used to divide his time between BHU and Bhubaneswar, 2 weeks at each place each month. The institute already had world-class facilities when he quit it, may be in 1996-97. It was founded and funded by Govt of Orissa, but a couple of years ago (since after Biju Babu, the state funding to ILSc declined alarmingly) he made all efforts to persuade DBT (Department of Biotechnology, Govt of India) to take it over.They are a good bunch of dedicated workers. So to say, ILSc is his contribution to Orissa. It is up to the existing staff how much they can make Orissa proud of it. – Anil Panigrahi)

Prof. Kanungo's outstanding research contributions, spread over a period of nearly forty years, to the important field of Gerontology have been recognized by several scientific bodies nationally and internationally in the form of prestigious awards and distinctions such as Jawaharlal Nehru Fellowship 1987-89, during which he wrote the book "Genes and Aging" that was published by Cambridge University Press, Shanti Swarup Bhatnagar Prize of CSIR 1971, Federation of Indian Chambers of Commerce & Industry award, (1989), Golden Jubilee Commemoration medal of Indian National Science Academy (INSA), New Delhi (1992), Sir Sriram Memorial Oration medal of Nat. Acad. Med. Sciences (NAMS), 1996, National Fellow (1976-77) and National Lecturer (1982) of UGC. He was elected as a Fellow of Indian National Science Academy, New Delhi (1975), Indian Academy of Sciences, Bangalore (1975), National Academy of Sciences, Allahabad (1989) and National Academy of Medical Sciences (India), New Delhi (1996). In 1999, the Ministry of Social Justice and Empowerment constituted a National Council for Older Persons (NCOP) for recommending measures for the welfare of the elderly. He is a member of the NCOP.

At the international level, he served as a member of the Expert Advisory Panel of W.H.O. on "Health of Elderly Persons" for 6 yrs, member of the Council of the International Association of Gerontology for 6 yrs. He was awarded the 3rd Age award at the 14th International Congress of Gerontology, Acapulco, Mexico, 1989.

Earlier this year on the Republic day, the Government of India honoured Prof Kanungo as a recognition for his outstanding contribution to understanding of life by conferring on him the prestigious Padmashree award

Publications

Dr. Kanungo has published his findings on biomedical aspects of aging in 139 papers in such International journals as Nature, Proceedings National Acad. Sci. (USA), Journal of Biological Chemistry (USA), Biochem. Biophys. Res. Comm. (USA), FEBS Letters (Europe), J. Neurochem. (UK), J. Theoretical Biology (USA), Biochim. Biophys. Acta (Europe), Biochem. Journal (UK), Molecular Biology Reports (USA), Molec. Cell Biochem (Canada) etc.

His two well known books have been published by highly reputed International publishers;

I. M.S. Kanungo (1980) - Biochemistry of Ageing - Academic Press, UK, pp 281.

II. M.S. Kanungo (1994) - Genes and Aging - Cambridge Univ. Press, UK, USA pp 322 (written during Jawaharlal Nehru fellowship)

III. M. S. Kanungo (1997) (Ed)- Molecular Biology of Development and Aging (New Age International, New Delhi.)

He has edited a special Section on "Molecular Biology of Ageing" in Current Science, Bangalore, 1998. He published a lead paper on "Mechanism of Aging" in a special issue of Proc. Ind. Nat. Sci. Acad. 2003, and has written chapters for several books and journals including Molecular Basis of Aging, CRC Press, USA 1994, Neurosciences in India: retrospect and prospect 1989, in Lectures in Neurobiology (Ed. P.N. Tandon) 1988, etc.

Thirty one students have done research on various aspects of Biochemistry and Molecular Biology of aging under his guidance and received their Ph.D. degrees since 1965. They are occupying good academic and research positions in India, USA and UK, and are continuing their research.

Promotion of Gerontology

His publications and lectures on aging have brought into focus the importance of the problem of Gerontology, and the field has been accepted as a thrust area for research and teaching since the 1970s by several scientific agencies like UGC, CSIR, ICMR, DST and DBT. He has also received grants from International agencies like the Nuffield Foundation, London, UK and PL-480, USA. Also, scientists in several Universities and Research Institutes in India have taken up this problem for research.

Dr. Kanungo founded the Association of Gerontology (India) – AGI – with headquarters at BHU in 1982. AGI covers the three main areas of Gerontology: biological, medical and socio-psychological. AGI has over 250 Life members. It is affiliated to International Association of Gerontology (IAG). He was the founder President of AGI, and its Patron (for life) since 1988. AGI is holding conferences on alternate years at various Universities and Institutes since 1982. For the first time in India, workers in psycho-social, medical and biological aspects of Aging were brought together to discuss about the various aspects of aging in an integrated way on one platform. Dr. Kanungo has popularized the subject of Gerontology by writing popular articles on Aging in Science Today, Science Reporter, etc. and by giving lectures at various Institutes and Universities. The subject is being taught as a course in various Universities, both in Science and Humanities.

By participating and presenting papers in 13 International Conferences on Gerontology and as a member of the Editorial Boards of three International Journals on Gerontology, he has placed Gerontological research in India on the international map.

At the International level, he has chaired scientific sessions in 9 International conferences on Gerontology. He has been invited to lecture on Aging in several Universities and Institutes in USA, UK, France, Germany, Japan and Australia including Univ. of California (Berkeley), UCLA (Los Angeles), Illinois (Urbana), Texas (Houston), Purdue, Philadelphia, Boston, New York (Syracuse), Oakland, National Institute of Aging, Baltimore, National Institutes of Health, Bethesda and Mayo Clinic (Rochester) in USA, University of Cambridge and Manchester, and National Institute for Medical Research in London, UK, Univ. of Paris, Inst. Biol. Chem., Strasbourg in France; Univ. of Heidelberg, Inst. Genetics (Munich) & Inst. Medicine (Julich) in Germany, Osaka and Toho Univ., and Inst. of Gerontology, Tokyo, in Japan, Univ. of Sydney and Canberra in Australia.

Other academic contributions

At the national level, besides pioneering and establishing the field of Gerontology for research and teaching, he established an Institute of Life Sciences at Bhubaneswar under the Govt. of Orissa as its Founder Director (Honorary) during 1990-96. It is a modern laboratory engaged in front-line

research in Molecular Biology and Environmental Biology. It has since been taken over by the Department of Biotechnology, Govt. of India.

On joining the Zoology Department in BHU in 1962, Prof. Kanungo introduced experimental aspects of Biology such as Physiology, Biochemistry and Molecular Biology in M.Sc. and B.Sc. curricula. This greatly modernized teaching and research in Zoology. As a result, this Department has been recognized nationally and internationally since the late 1960s. Several other Zoology Departments of the country have since modernized their teaching and research on these lines.

In 1971, the UGC in collaboration with the National Science Foundation, USA, held a Binational Conference to modernize and update teaching and research in Biological Sciences. He was a member of the Steering Committee which recommended teaching of modern areas of Biology/Life Sciences instead of classical Zoology and Botany. These recommendations have been adopted by the Central and State Universities since 1972. It has modernized Biology teaching and research.

In 1972-73 Prof. Kanungo served as the Member Secretary of a High Level Committee of Govt. of India to investigate into the functioning of the Indian Council of Agricultural Research. The Chairman of the Committee was Dr. P.B. Gajendragadhkar, Retired Chief Justice of the Supreme Court of India. The members were Prof. D.S. Kothari, Chairman, UGC, Prof. B.D. Nagchaudhri, Defence Science Advisor, Govt. of India, Dr. H.N. Sethna, Chairman, Atomic Energy Commission, Mr. B. Venkatappiah, Chairman, Rural Electrification Corporation. The Committee looked into the allegations made by a scientist of ICAR who had committed suicide, and recommended several measures for improvement in the functioning of ICAR. Most of these recommendations have been implemented. Dr. Kanungo played a major role in formulating the recommendations.

As Emeritus Professor (for life) of BHU he continues to teach genetic engineering, and leads an active group of researchers on molecular biology of aging. He is operating research projects funded by Central Government agencies.

-o-

କାଏଁ ଲାଭ୍ ?

ଦେବଜିତ୍ ମିଶ୍ର, ଟରଣ୍ଟୋ, କାନାଡ଼ା

କିଏ ନିଜର୍ ଆଏ , ଆର୍ କିଏ ପର୍ହର୍
ସମିଁୟା ନୁଁ ପହଲା କହିକରି କାଏଁ ଲାଭ୍ ?
କଥାଟା ମନ୍‌କେ ବାଧୁ କି ଖୁସୀ ଦଉ
କାହାର୍ ମନ୍ ଦୁଖେଇ କରି କାଏଁ ଲାଭ୍ ?
ନିଜର୍ ଭାଷା, ନିଜର୍ ରାଏଜ୍
ବଲି ଦିନ୍‌ରାଏତ୍ ଡୋଲ୍ ପିଟିକରି
ବିଦେଶେ ରହିକରି ମଗର୍ ମେତାର୍
କାନ୍ଦୁଥିଲେ କାଏଁ ଲାଭ୍ ?

ବଡେ ବଡେ ପୁରାଣ୍ ପଢୁଥିବ , ଆର୍ ନୀତିଶିକ୍ଷା ଦଉଥିବ
ବେଲ୍ ବୁଡୁନ୍ ସାଏର୍ ଚଖ୍‌ନାର୍ ସାଙ୍ଗେ କୁଷ୍‌ନା
ପିଉଥିଲେ କାଏଁ ଲାଭ୍ ?
ଜୀଇଁ ଥାଇ କରି ଦୁଡୁଥିବ, ରଡୁଥିବ, ଗାଏଲ୍ ଦଉଥିବ
ମରିଗଲେ ଗୁନ୍ ଗାଇକରି ଫୁଲ୍ ଚଢାଲେ,
ଆର୍ କାଏଁ ଲାଭ୍ ?
ଇଟା ତୁମେ ପଢ୍‌ଲେ କେତେ, ଆର୍ ନାଇଁ ପଢ୍‌ଲେ କେତେ
ତମ୍‌କୁ ମାହାଲିଆ ଉପ୍‌ଦେଶ୍ ଦେଇକରି ଭି କାଏଁ ଲାଭ୍ ?

ଧର୍ମରୁ ଅଧର୍ମ-ଏକ ବିଷମ ବିରୋଧାଭାଷ

ଅନିଳ କୁମାର ପାଣିଗାହୀ
ୟୁଟାହ୍ ବିଶ୍ୱବିଦ୍ୟାଳୟ, ସଲ୍ଟ୍ ଲେକ୍ ସିଟି

ପୃଥିବୀ ପୃଷ୍ଠରେ ଜୀବ ଜଗତର ଉନ୍ମେଷ କାଳରୁ - ବା ହୁଏତ ତା' ଆଗରୁ - ଏକ ବିବର୍ତ୍ତନୀ ଶକ୍ତି ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଆସୁଛି; ଯାହାରି ଫଳ ସ୍ୱରୂପ ଅଜୈବିକ 'କୋଆସର୍ଭେଟ୍' ବା କେତେକ 'ଏକତୀକୃତ ରାସାୟନିକ ପଦାର୍ଥ'ରୁ କମେ - ନିଯୁତ ନିଯୁତ ବର୍ଷ ପରେ - ମାନବତାର ଜନ୍ମ ଓ ବିକାଶ ସମ୍ଭବ ହୋଇଛି । ବିବର୍ତ୍ତନ ଏକ ପ୍ରକିୟା ଯହିଁ ଏକରୁ ଅନେକ ଓ ସମରୁ ବିସମତା ବା ବିଭିନ୍ନତାର ଉଦ୍ଭବ ହୁଏ । ଏଣୁ, ସମସ୍ତ ଜୀବ-ପ୍ରାଣୀ ମଧ୍ୟରେ ଶାରିରୀକ ଗଠନ ତଥା ଜୈବିକ କିୟା ଭେଦରେ ଉଭୟ ସମତା ଓ ବିସମତା ଦେଖାଯାଏ । ଏ ବିବର୍ତ୍ତନୀ ଶକ୍ତିର ଅନ୍ୟ ଏକ ସ୍ୱରୂପ ମଧ୍ୟ କିୟାଶୀଳ । ତାହା ହେଲା, ପ୍ରତ୍ୟେକ ଜୀବ-ପ୍ରାଣୀ ଉପରେ ନିଜ ନିଜ ଅସ୍ତିତ୍ୱ ବଜାୟ ରଖିବାପାଇଁ ଏକ ଚାପ ସୃଷ୍ଟି କରିବା । ଫଳତଃ ନିଜର ନିଜତ୍ୱ ବଜାୟ ରଖିବା ତଥା ନିଜକୁ ସର୍ବଦା ସମୟୋପଯୋଗୀ କରି ତୋଳିବା ପ୍ରତ୍ୟେକ ଜୀବ-ପ୍ରାଣୀର ଅନ୍ତର୍ନିହିତ ପ୍ରଚେଷ୍ଟା ଅଟେ ।

ଏ ବିବର୍ତ୍ତନୀ ଶକ୍ତି ଓ ଚାପ ବିଭିନ୍ନ ଜୀବ-ପ୍ରାଣୀଙ୍କୁ ସ୍ୱତଃ ଯେଉଁ ତତ୍ତ୍ୱଟି ଶିଖାଇଲା, ତାହା ହେଲା ସଙ୍ଘବଦ୍ଧ ହେବାର ଆବଶ୍ୟକତା । ସଙ୍ଘବଦ୍ଧ ହୋଇ ରହିବା ପାଇଁ ଯାହା ପ୍ରାରମ୍ଭିକ ଭାବରେ ଲୋଡା, ତାହା ହେଲା କିଛି ନୀତି-ନିୟମ । କେବଳ ମଣିଷ ନୁହଁ, ଅନେକ ଇତର ଜୀବ ନିଜ ନିଜର ଐକିକ ତଥା ଗୋଷ୍ଠୀଗତ ସୁଖ ସୁବିଧା ପାଇଁ ନିଜର ଚେତନା ଓ ଚିନ୍ତାଶକ୍ତି ଅନୁସାରେ ବିଭିନ୍ନ ନୀତି-ନିୟମର ବିକାଶ କରିଛନ୍ତି । ପ୍ରତ୍ୟେକ ଜୀବପାଣୀର ନିଜସ୍ୱ ଜୀବନଶୈଳୀ ରହିଛି, ଓ ଏହା ସହ ପ୍ରତ୍ୟେକ ଜୀବର ଐକିକ ତଥା ଗୋଷ୍ଠୀଗତ ନୀତି-ନିୟମର ସମ୍ମିଶ୍ରଣହିଁ ଉକ୍ତ ଜୀବର 'ଧର୍ମ' ଅଟେ । ତେବେ, ଏ ସମସ୍ତ ଜୀବ-ପ୍ରାଣୀଙ୍କ ମଧ୍ୟରେ ମଣିଷର ସ୍ଥାନ ଐକିକ; ନିଜର ଅକଳ୍ପନୀୟ ଅଭିପ୍ସା ବଳରେ ଓ ଲକ୍ଷାଧିକ ବର୍ଷର ସାଧନା ନେଇ ନିଜର ଐକିକ ସ୍ୱାର୍ଥ, ନିଜ ଗୋଷ୍ଠୀ, ସମାଜ, ରାଷ୍ଟ୍ର ତଥା ଏ ପୃଥିବୀପାଇଁ ସେ ଏଭଳି ଅନୁଭବ, ଅଭିଜ୍ଞତା, ଦୃଷ୍ଟିକୋଣ ଓ ଜ୍ଞାନ ହାସଲ କରିପାରିଛି ଯାହା ମାନବ ଜାତିକୁ ଦୀର୍ଘକାଳ ନିମନ୍ତେ ଏକ ସୁସଂହତ, ସୁସଂବଦ୍ଧ, ନିରାମୟ ସାମୁହିକ ଜୀବନ ଜୀଇଁବାର କ୍ଷମତା ଦେଇଛି । ଏ କ୍ଷମତା ମାନବ ସମାଜକୁ ମିଳିଛି ମୁଖ୍ୟତଃ ମୁଷ୍ଟିମେୟ କେତେକ ଦକ୍ଷାଙ୍କ କଷ୍ଟସାଧ୍ୟ ଅନୁଶୀଳନ ଓ ଅନ୍ତର୍ଦ୍ଦର୍ଶନରୁ । ଏ କ୍ଷମତା ବଳରେ ମଣିଷ ତା ଗୋଷ୍ଠୀ କୁ ଏକ 'ସଭ୍ୟତା' ରେ ପରିଣତ କରି ପାରିଛି, ଯାହା ଅନ୍ୟ କୌଣସି ଜୀବ କରି ପାରିନାହିଁ ।

ତେବେ, ମାନବ ଇତିହାସକୁ ଅନୁଧ୍ୟାନ କଲେ ଜଣାପଡେ ଯେ ମାନବ ସାମୁହିକ ଭାବରେ ଏଯାବତ୍ ଏକ ସଂପୂର୍ଣ ନିରାମୟ ଜୀବନ ଜୀଇଁ ନାହିଁ । ଗୋଷ୍ଠୀବଦ୍ଧ ହେବା ଏକ ବିବର୍ତ୍ତନୀୟ ଆବଶ୍ୟକତା ହୋଇଥିଲେହେଁ ପ୍ରତ୍ୟେକ ଜୀବର ଅନ୍ୟଠୁ ନିଜର ବିସମତା ଭେଦରେ କନ୍ଦଳ ଓ ଲଡେଇର ସୂତପାତ ହୋଇଥାଏ; ଓ ଏହା ଫଳରେ ଗୋଷ୍ଠୀଟିର ସାମୁହିକ ସ୍ୱାସ୍ଥ୍ୟ, ନିରାପତ୍ତା ଓ ସାମର୍ଥ୍ୟ ବିପଦର ସମ୍ମୁଖୀନ ହୁଏ । ନିଜସ୍ୱ ସାମୟିକ ସୁଖ ପାଇଁ ଅନ୍ୟର (ଅର୍ଥାତ୍ ନିଜ ଗୋଷ୍ଠୀ ତଥା ଗୋଷ୍ଠୀ-ବହିର୍ଭୂତ ଜୀବ-ପ୍ରାଣୀଙ୍କ) ଅସ୍ତିତ୍ୱ ଓ ଅଧିକାରର ବିରୁଦ୍ଧାଚରଣ କରିବାର ପ୍ରବୃତ୍ତି ହିଁ ମୌଳିକ ଜୀବଧର୍ମର ପରିପନ୍ଥି, ଓ ଏହି ପ୍ରବୃତ୍ତି-ପରିଚାଳିତ କର୍ମ 'ଅଧର୍ମ' ଅଟେ; ଏବଂ ମାନବ ହିଁ ସର୍ବାଧିକ ଅଧର୍ମର ପରିପୋଷକ । କାରଣ, ମାନବେତର ଜୀବଙ୍କ ମାନବଯୋଗ୍ୟ ଉଚ୍ଚ ଚିନ୍ତାଶୀଳତା ନାହିଁ ଯାହା ଫଳରେ ସେମାନେ ଅନ୍ୟ ଜୀବ-ପ୍ରାଣୀ ପ୍ରତି ସମ୍ବେଦନଶୀଳ ହେବା ଆଶା କରାଯିବ ।

ଏଠି ପ୍ରଶ୍ନ ଉଠେ, ବିବର୍ତ୍ତନୀ ଶକ୍ତିର ଚାପରୁ ତଥା ଅନେକ ଯୁଗୋପଯୋଗୀ ଦକ୍ଷାଙ୍କ ଅନ୍ତର୍ଦ୍ଦର୍ଶନରୁ ଗୁଡାଏ ଶିକ୍ଷା ପାଇଥିଲେ ମଧ୍ୟ ଆଜିର ମାନବ ସମାଜ ଅଧର୍ମକିଷ୍ଟ କାହିଁକି?

ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଏ ପ୍ରଶ୍ନର ଉତ୍ତର ଅତି ମୌଳିକ ସ୍ତରର । ନିଜକୁ ମଣିଷ ବୋଲାଇଲେ ମଧ୍ୟ, ନିଜର ଚେତନା, ଚିନ୍ତାଶୀଳତା, ବୁଦ୍ଧି, ଜ୍ଞାନର ଡିଣ୍ଡିମ ପିଟୁଥିଲେ ମଧ୍ୟ, ଅନ୍ୟ ଜୀବ-ପ୍ରାଣୀଙ୍କୁ ଇତର କହି ହେୟ ଜ୍ଞାନ କରୁଥିଲେ ମଧ୍ୟ ଓ ନିଜକୁ ବିଶ୍ୱ ଜଗତ୍‌ର ସର୍ବଶ୍ରେଷ୍ଠ ଜୀବ ବୋଲି ଗର୍ବ କରୁଥିଲେ

ମଧ୍ୟ ମଣିଷ ଜୀବାଣୁ-ଲାଙ୍ଗୁଡିଆ ପୋକ-କୁକୁର ଭଳି ଏକ ଜୀବ । ନିଜର ଚେତନା ଓ ବୁଦ୍ଧିମତ୍ତାର ବିକାଶ ସାଧନ ଓ ସଦୁପଯୋଗ କରିବାର ସାମର୍ଥ୍ୟ ଥିଲେହେଁ ମାନବର ବହୁଳାଂଶ ଏସବୁରୁ ଦୂରେଇ ରହିବାର ଜୈବିକ ପ୍ରବୃତ୍ତି ଦ୍ୱାରା ପ୍ରଭାବିତ ହୋଇଥାଏ । ପ୍ରତ୍ୟେକ ଜୀବ କାମ, ଖାଦ୍ୟ ଓ ଆଶ୍ରୟ ନେଇ ନିଜ ଜୀବନର ବହୁଳାଂଶ ବ୍ୟୟିତ କରେ; ସାଧାରଣ ମଣିଷର ବହୁଳାଂଶ ତାହା ଠାରୁ ଅଧିକ କିଛି କରେ ନାହିଁ । ଏ କାମ-ଖାଦ୍ୟ-ଆଶ୍ରୟ ସର୍ବସ୍ୱ ଜୀବନ ଶୈଳୀର ଦୁଇଟି କୁଫଳ - (୧) ଏ ତିନି ଆବଶ୍ୟକତାର ତାଡନାରେ ମଣିଷ ନିଜ ପ୍ରତିବେଶୀଟିର ହାନି କରେ, ଏବଂ (୨) ଏକହିଁ କାରଣରୁ ଅନ୍ୟର ହାନି ପ୍ରତି ଆଖି ବୁଜି ଦିଏ । ଅତଏବ, ମଣିଷ ନିଜର ଉଚ୍ଚ ଚେତନଶୀଳତାର ଯୋଗ୍ୟ ଜୀବନ ଜୀଇଁବାର ସାମୁହିକ ଯୋଗ୍ୟତା ହାସଲ କରିନାହିଁ । ଯେଣୁ ଆମେ ଏ ସ୍ତରର କାର୍ଯ୍ୟକଳାପକୁ ଏକ ମୌଳିକ ଜୈବିକ ପ୍ରବୃତ୍ତି ରୂପରେ ଦେଖୁଁ, ଏହାକୁ ଆମେ ସିଧାସଳଖ 'ଅଧର୍ମ' କହି ପାରିବା ନାହିଁ । କିନ୍ତୁ, ମଣିଷ ଇତର ଜୀବ ଅପେକ୍ଷା ଚେତନା ଓ ବୁଦ୍ଧିମତ୍ତା ଭେଦରେ ଗରୀୟାନ ହୋଇଥିବା ଦୃଷ୍ଟିରୁ ଏ ମହତ୍ତମ ଗୁଣର ସମ୍ୟକ ଉପଯୋଗ ନକରିବା ଦୋଷରେ ମଣିଷ ଦୋଷୀ; ଓ ଏ ସ୍ତରର କାର୍ଯ୍ୟକଳାପକୁ, ଏଣୁ, 'ଅଧର୍ମ' ବୋଲି କହିବାରେ ବାଧା ନାହିଁ ।

ସ୍ଥୁଳ ଦୃଷ୍ଟିରେ ଦେଖିଲେ ପୂର୍ବୋକ୍ତ ପ୍ରଶ୍ନର ଦୁଇ-ସ୍ତରୀୟ ଅନୁଶୀଳନ ସମ୍ଭବ । ପ୍ରଥମତଃ ଯୁଗେ ଯୁଗେ ବହୁ ମନୀଷୀ ମାନବ ସମାଜକୁ ତାର ପ୍ରକୃତ ଚେତନଶୀଳ ସାମର୍ଥ୍ୟ କଥା - ତାର 'ମାନବଧର୍ମ' କଥା - ହେଜେଇ ଆସିଛନ୍ତି । ସେସବୁ ସତ୍‌ବାକ୍ୟର ମର୍ମ ସବୁ ଦେଶରେ, ସବୁ ସଭ୍ୟତାରେ, ସବୁ ଧର୍ମମତରେ ଓ ସବୁ କାଳରେ ପ୍ରାୟ ସମାନ - ଅନ୍ୟ ପ୍ରତି ସ୍ନେହ, ପ୍ରେମ ଓ ସଦ୍‌ଭାବ ରଖିବା; କାହାରି ଅନିଷ୍ଟ ନକରିବା; ନିଜର ହାନି ଓ ଅନିଷ୍ଟ କାଳରେ ଧୈର୍ଯ୍ୟ ଓ ସହନଶୀଳତା ରକ୍ଷା କରିବା; ଅନ୍ୟର ଅନିଷ୍ଟ ହେଲେ ଶକ୍ତିମତେ ସାହାଯ୍ୟ କରିବା ଇତ୍ୟାଦି । ମାତ, ସାଧାରଣ ମଣିଷର ବହୁଳାଂଶ କାମ-କ୍ରୋଧ-ଲୋଭାଦି ଜୈବିକ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ସେ ସତ୍‌ବାକ୍ୟକୁ ଅଗାହ୍ୟ କରିଛି, ବା ତାର ବିରୋଧ କରିଛି, ବା ନିଷ୍କ୍ରିୟ ରହିଛି । କେବଳ ସେତିକି ନୁହେଁ, ପ୍ରତିପତ୍ତିଶାଳୀ ମଣିଷ ନିଜ ଜୈବିକ ପ୍ରବୃତ୍ତିର ଅନ୍ଧ ତାଡନାରେ ବହୁ ମନୀଷୀଙ୍କୁ କଲବଲ କରିଛି । ଏହା ସିଧାସଳଖ ଭାବରେ ଅଧର୍ମ, ଯେଣୁ ଏହା ମାନବୀୟ ଧର୍ମ 'ଶାନ୍ତି-ସୌହାର୍ଦ୍ଦ୍ୟ-ସହନଶୀଳତା'ର ପରିପନ୍ଥି । ତେବେ, ଐକିକ ଭାବରେ ମଣିଷଟିଏ ଏଭଳି ଅଧର୍ମ କରିବା ହୁଏତ ଅପେକ୍ଷାକୃତ ଭାବରେ କମ ଚିନ୍ତାଜନକ, କାରଣ ଏଭଳି ଐକିକ ଦୁଷ୍କୃତିର ଲୌକିକ ତଥା କାଳାନୁକ୍ରମିକ ବ୍ୟାପ୍ତି ଖୁବ ଗୁରୁତର ହୁଏନାହିଁ ।

କିନ୍ତୁ, ସବୁଠୁ ଚିନ୍ତାଜନକ, କ୍ଲେଶପ୍ରଦ ଓ ଦୁର୍ଭାଗ୍ୟଜନକ ହେଲା ଉପରୋକ୍ତ ଅନୁଶୀଳନର ଦ୍ୱିତୀୟ ଦିଗ । ତାହା ହେଲା ଧର୍ମର ଅଧର୍ମୀକରଣ ।

ପୂର୍ବରୁ ଆଲୋଚନା କରାହୋଇଛି ଯେ ସଙ୍ଘବଦ୍ଧ ହେବା ଏକ ବିବର୍ତ୍ତନୀ ଆବଶ୍ୟକତା ଅଟେ ଓ ଏହାପାଇଁ କିଛି ନୀତି-ନିୟମ ଲୋଡା । ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ମୌଳିକ ବିସମତା ଦୃଷ୍ଟିରୁ ସମାଜରେ ଅନାଚାର ସୃଷ୍ଟି ହୁଏ, ଓ ପ୍ରତ୍ୟେକ ସମାଜ ବା ଗୋଷ୍ଠୀରେ ମୁରବୀ-ସ୍ଥାନୀୟ ବ୍ୟକ୍ତି ଏଭଳି ସଙ୍କଟ ଏଡାଇବା ପାଇଁ ନୀତି-ନିୟମ ପଣୟନ ପୂର୍ବକ ପ୍ରୟାସ-ପ୍ରଯତ୍ନ କରିଥାନ୍ତି । ସାଧରଣତଃ ଏଭଳି ପ୍ରୟାସ ମାନବୀୟ ଧର୍ମ (ଶାନ୍ତି-ସୌହାର୍ଦ୍ଦ୍ୟ-ସହନଶୀଳତା; ଓ ସମୟ ବିଶେଷରେ ଆବଶ୍ୟକୀୟ ଦଣ୍ଡ ବ୍ୟବସ୍ଥା) ଅନୁସାରେ ହୋଇଥାଏ, ବା ହେବା ଆଶା କରାଯାଏ । ମାନବ ସଭ୍ୟତାର ଆଦିକାଳରୁ ମଣିଷ ନିଜଠୁ ବଳୀୟାନ କିଛି ସତ୍ତା ପ୍ରତି ସମ୍ଭ୍ରମ ବା ଭୟଭାବ ପୋଷଣ କରିଆସିଛି; ଯେପରିକି ସୂର୍ଯ୍ୟ, ଅଗ୍ନି ଇତ୍ୟାଦି । ଅନେକ ସଭ୍ୟତାରେ ଏଭଳି ସତ୍ତାକୁ ଏକ ଅତିମାନବୀୟ ଅତିସତ୍ତାର ଅଂଶବିଶେଷ ବୋଲି ପ୍ରତିପାଦନ କରାଯାଏ, ଯାହାକୁ 'ଭଗବାନ' ବା 'ଈଶ୍ୱର' ନାମ ଦିଆଯାଏ । ବିଭିନ୍ନ ଗୋଷ୍ଠୀ ବା ସଭ୍ୟତାର ଅନେକ ମୁରବୀ-ସ୍ଥାନୀୟ ବ୍ୟକ୍ତି (ବା, ସ୍ଥଳବିଶେଷରେ ଜଣେ ସାଧାରଣ ବ୍ୟକ୍ତି) ନିଜ ପ୍ରଣିତ ନୀତି-ନିୟମକୁ ଈଶ୍ୱରଙ୍କ ଦ୍ୱାରା ସମର୍ଥିତ ବୋଲି ମଧ୍ୟ କହିଥାନ୍ତି । ଅନେକ କ୍ଷେତରେ ଏଭଳି ବହୁ ମନୀଷୀ ଏକ ଅସାଧାରଣ ଓ ଧ୍ୟାନସ୍ଥ ଅବସ୍ଥାରେ ଅନେକ ନୀତି-ନିୟମ ବା ଅନେକ ତତ୍ତ୍ୱର ଆଭାସ ପାଇଥାନ୍ତି ମଧ୍ୟ; ତେଣୁ ସେସବୁକୁ ଏକ ଅତିମାନବୀୟ ଅତିସତ୍ତାର ନିର୍ଦ୍ଦେଶ ବୋଲି ଅଭିହିତ କରିବାରେ ବେଶି ପ୍ରମାଦ ନାହିଁ । ବିଶେଷତଃ, ଈଶ୍ୱରଙ୍କ ନାମ ସହ ସଂଶ୍ଳିଷ୍ଟ ଥିବାରୁ ଏଭଳି ନୀତି-ନିୟମ ବା ତତ୍ତ୍ୱ ପ୍ରତି ସାଧାରଣ ମଣିଷର ସମ୍ଭ୍ରମଭାବ ଜନ୍ମେ ।

ବାସ୍ତବରେ କୌଣସି ଅତିମାନବୀୟ ଅତିସତ୍ତା ବା ଈଶ୍ୱର ଥାଆନ୍ତୁ ନା ନାହିଁ - ବା, ସଂପୃକ୍ତ ନୀତି-ନିୟମ ବା ତତ୍ତ୍ୱକୁ ଈଶ୍ୱରଙ୍କ ସହ ଜଡିତ କରାଯାଇଥାଉ ନା ନାହିଁ, ଏଭଳି ବ୍ୟବସ୍ଥାରେ ସେପର୍ଯ୍ୟନ୍ତ ପ୍ରମାଦ ନାହିଁ ଯେପର୍ଯ୍ୟନ୍ତ ଏହା

ମାନବୀୟ ଧର୍ମ ଉପରେ ପର୍ଯ୍ୟବଶିତ । ସହସ୍ରାଧିକ ବର୍ଷଧରି ବହୁ ମହାମନୀଷୀଙ୍କ ଅନ୍ତର୍ଦ୍ଦର୍ଶନ ଦ୍ୱାରା ପୁଷ୍ଟ ହୋଇଥିବା ଭାରତୀୟ ସନାତନ ଧର୍ମ ଏହିଭଳି ଏକ ଉଚ୍ଚକୋଟୀର ମାନବୀୟ ଧର୍ମ ଥିଲା, ଯେପରି ଥିଲା ଜରାଥୁଷ୍ଟ୍ର, ମହାବୀର, ବୁଦ୍ଧ, ଯୀଶୁ ବା ନାନକଙ୍କ ମହାବାର୍ତ୍ତା । ଅଥଚ, ପ୍ରାୟ ପ୍ରତ୍ୟେକ ଧର୍ମମତର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେସବୁର ପ୍ରବର୍ତ୍ତକ ମାନଙ୍କ ଜୀବନାବସାନ ପରେ ସେସବୁ ଧର୍ମମତର ବିକୃତିକରଣ ହୋଇଛି । ଜୀବଦ୍ଦଶାରେ ହେଉ ବା ମୃତ୍ୟୁ ପରେ, ପ୍ରାୟ ପ୍ରତ୍ୟେକ ଧର୍ମମତର ପ୍ରବର୍ତ୍ତକଙ୍କୁ ସମାଜ ଜନନାୟକ ରୂପେ ଏକ ଅଭାବନୀୟ ସମ୍ଭ୍ରମଭରା ଆସନ ଦେଇଛି । ଠିକ ଏଇଠି ସୃଷ୍ଟି ହୁଏ ବିକୃତିକରଣର ବିଜ । ପ୍ରବର୍ତ୍ତକଟିର ଜୀବନାବସାନ ଅନ୍ତେ କନ୍ଦଳ ଆରମ୍ଭ ହୁଏ ସେ ସମ୍ଭ୍ରମଭରା ଆସନର ଉତ୍ତରାଧୀକାରୀ କିଏ ହେବ, ଏ ପ୍ରଶ୍ନକୁ ନେଇ । ଏହି କାରଣରୁ ମହମ୍ମଦଙ୍କ ପରେ ତାଙ୍କ ପ୍ରବର୍ତ୍ତିତ ଇସଲାମ ଧର୍ମରେ ସିଆ-ସୁନ୍ନି ଭେଦଭାବର ସୂତପାତ ହେଲା, ଯାହା ଆଜି ମଧ୍ୟ ବହୁ ରକ୍ତପାତ ଘଟାଉଛି । ଯୀଶୁଙ୍କ ବାର୍ତ୍ତାରେ ସନ୍ଦିଗ୍ଧତା ନଥିଲେ ମଧ୍ୟ ଆଜି ବିଶ୍ୱର ଖ୍ରୀଷ୍ଟୀୟ ଜନତା ବହୁଧା ବିଭକ୍ତ । ଏକହିଁ କାରଣରୁ ବୌଦ୍ଧ ତଥା ଜୈନ ମାନଙ୍କର ମଧ୍ୟ ଆଜି ବହୁ ଶାଖା-ପ୍ରଶାଖା ।

କୌଣସି ଧର୍ମମତ ବହୁଧା ବିଭକ୍ତ ହେବାରେ ମଧ୍ୟ ବିଶେଷ ପମାଦ ନାହିଁ; ଯେପର୍ଯ୍ୟନ୍ତ ପରିବର୍ତ୍ତିତ ମତଟି ମାନବୀୟ ଧର୍ମ ଓ ମର୍ଯ୍ୟାଦାର ପୃଷ୍ଠପୋଷକତା କରୁଥାଏ । ମାତ୍ର, ଇତିହାସରେ ଯାହା ଦେଖାଯାଇଛି, ଅଳ୍ପ କେଇଟି ମୁହୂର୍ତ୍ତରେ ପ୍ରବର୍ତ୍ତକଟିର ତିରୋଧାନ ସହ ତାର 'ଶାନ୍ତି-ସୌହାର୍ଦ୍ଦ୍ୟ-ସହନଶୀଳତା'-ସମୃଦ୍ଧ ମାନବୀୟ ଧର୍ମତତ୍ତ୍ୱର ଅବସାନ ଘଟେ । ବାସ୍ତବିକ କ୍ଷଣିକ ମଧ୍ୟରେ କିଭଳି ଏକ 'ଶାନ୍ତି-ସୌହାର୍ଦ୍ଦ୍ୟ-ସହନଶୀଳତା'ର ସ୍ୱର୍ଗୀୟ ବାତାବରଣରେ ଲୋଭ, ହିଂସା ଓ ଅହଂକାରର ଉଦ୍ଦଣ୍ଡତା ଉଗ୍ର ହୋଇଉଠେ, ଏହା ଏକ ବଡ ବିସ୍ମୟକର ପ୍ରଶ୍ନ । ହୁଏତ ଏ ପରିବର୍ତ୍ତନ ଆକସ୍ମିକ ନୁହେଁ; ବରଂ ପ୍ରବର୍ତ୍ତକଟିର ଜୀବଦ୍ଦଶାରେ କିଛି ଲୋକ ପ୍ରବର୍ତ୍ତିତ ମତର ଗୁରୁତ୍ୱ ବା ଅର୍ଥ ଠିକ ଭାବରେ ବୁଝି ନଥାନ୍ତି । ଏ ନିର୍ବୋଧତା ବା ବୋଧହୀନତାଠୁ ବଳି କିଛି ଅଧିକ ଦୁର୍ଭାଗ୍ୟପୂର୍ଣ୍ଣ ସମ୍ଭାବନା ହେଲା, ପ୍ରବର୍ତ୍ତକଟିର ଜୀବଦ୍ଦଶାରେ କିଛି ଲୋକ ମସୁଧା କରୁଥାନ୍ତି କିଭଳି ପ୍ରବର୍ତ୍ତିତ ମତକୁ ନିଜ ଇଚ୍ଛାନୁଯାୟୀ କାମରେ ଲଗାଇ ହେବ । ଆଗରୁ ଆଲୋଚିତ କାମ-କ୍ରୋଧ-ଲୋଭାଦି ଜୈବିକ ପ୍ରବୃତ୍ତି ସହ ଏଠି ସାଙ୍ଗ ହୁଏ ଅନ୍ୟ ଏକ କୁପ୍ରବୃତ୍ତି, ଶଠତା ।

ଏ ଶଠତା ମାନବ ସମାଜ ଓ ସଭ୍ୟତାକୁ ସର୍ବଦା କଲବଲ କରି ଆସୁଛି । ନିର୍ବୋଧତା ସହ ମିଶି ଏହା ସୃଷ୍ଟିକରେ ବିଭିନ୍ନ ଧର୍ମମତର ନାନା କୁବ୍ୟାଖ୍ୟା । 'ଶାନ୍ତି-ସୌହାର୍ଦ୍ଦ୍ୟ-ସହନଶୀଳତା' ଉପରେ ଅଧିଷ୍ଠିତ ସନାତନ ଧର୍ମ ମୂଳତଃ ଏକ ଉଚ୍ଚ ମାନବୀୟ ଧର୍ମ ହୋଇଥିଲେହେଁ ସମାଜରେ ଜାତି ଓ ବର୍ଣ୍ଣର ବିଭେଦ ସୃଷ୍ଟି ହୁଏ; ଧର୍ମ, ପୂଜାର୍ଚ୍ଚନାର ଅଧିକାର ଏକ ନିର୍ଦ୍ଦିଷ୍ଟ ଜାତିର ହାତମୁଠାରେ ରହେ ଯହିଁ ଅନ୍ୟ ଏକ ଜାତିର ଦୂରରୁ ଦେବାଳୟଟିଏର ଦର୍ଶନ କରିବାର ମଧ୍ୟ ଅଧିକାର ରହେନାହିଁ, ବିଦ୍ୟାର୍ଜନ କରିବାର ଅଧିକାର ରହେନାହିଁ । ଯୀଶୁ 'ଶାନ୍ତି-ସୌହାର୍ଦ୍ଦ୍ୟ-ସହନଶୀଳତା'ର ବାର୍ତ୍ତା ପଚାର କରି କିଭଳି ଅତ୍ୟାଚାର ଓ କଷଣ ଭୋଗିଛନ୍ତି, ତାହା ସର୍ବଜନବିଦିତ । ଏଭଳି ସମୟରେ ମଧ୍ୟ ଅତ୍ୟାଚାରୀ ଘାତକ ପତି ପତିକିୟା ପରିବର୍ତ୍ତେ ତାଙ୍କ ପାଣରେ ଆସିଛି ସହାନୁଭୂତି ଓ କ୍ଷମାର ବିମଳ ଅନୁଭବ । ଅଥଚ, ତାଙ୍କରି ଧର୍ମମତର ପୁରୋଧା ଭାବେ ଡିଣ୍ଡିମ ପିଟୁଥିବା ପୋପ୍ ମହାଶୟଙ୍କ ଆଦେଶ କମେ ତୟୋଦଶ ଶତାବ୍ଦୀରେ ଦକ୍ଷିଣ ଫ୍ରାନ୍ସ୍‌ର ହଜାର ହଜାର ଲୋକଙ୍କୁ ନୃଶଂସ ଭାବରେ କେଥୋଲିକ ବାହିନୀ ବର୍ଷ ବର୍ଷ ଧରି ହତ୍ୟା କଲେ; ଯାହାକି ବିଶ୍ୱ ଇତିହାସରେ 'ଆଲବିଜେନସିଆନ ଗଣହତ୍ୟା' ଭାବରେ କୁଖ୍ୟାତ । ଇସ୍‌ଲାମ୍‌ର ଉନ୍ମେଷ କାଳରୁ ଏହା ଅବାରିତ ଭାବରେ କ୍ରୁର ରକ୍ତପାତରେ କଳଙ୍କିତ ହୋଇଆସିଛି । ସଂପ୍ରତି ଇସଲାମୀୟ ସନ୍ତ୍ରାସ କମବର୍ଦ୍ଧିଷ୍ଣୁ ଭାବରେ ବିଶ୍ୱବ୍ୟାପୀ ଯେଭଳି ମର୍ମନ୍ତୁଦ ରକ୍ତପାତ ଭିଆଉଛି, ତାହାର ବର୍ଣ୍ଣନା ଅନାବଶ୍ୟକ । ଅନେକ ବୌଦ୍ଧ ସର୍ଦ୍ଦାର ଶୀଲଙ୍କା ତଥା ଥାଇଲାଣ୍ଡ ଭଳି ପୂର୍ବ ଏସୀୟ ଦେଶ ମାନଙ୍କରେ ବହୁ ନୃଶଂସତାର ଦୃଷ୍ଟାନ୍ତ ରଖି ଯାଇଛନ୍ତି । କୌଣସି ଧର୍ମମତ ଏଭଳି ଅଧର୍ମ-କଳୁଷରୁ ମୁକ୍ତ ନୁହେଁ । ମାନବ ଇତିହାସ ଏଭଳି ଅଗଣନୀୟ ବର୍ବରତାର ଦୃଷ୍ଟାନ୍ତରେ ତିକ୍ତ; ସେସବୁର ରୋମନ୍ଥନ ବଡ ବେଦନାଦାୟକ । 'ଶାନ୍ତି-ସୌହାର୍ଦ୍ଦ୍ୟ-ସହନଶୀଳତା'ର ମାର୍ଗରେ ଭେଦଭାବର ସ୍ଥିତି କାହିଁ? ମାନବ ଜାତି ପାଇଁ ଏହା ଅତୀବ ଦୁଃଖର ବିଷୟ ଯେ ମଣିଷ 'ଧର୍ମଯୁଦ୍ଧ' (କ୍ରୁସେଡ୍ ବା ଜିହାଦ୍) ଭଳି ବିଭତ୍ସ ଶବ୍ଦ ଉଦ୍ଭାବନ କରିପାରିଛି । ଧର୍ମ - ଯାହାର ଅନ୍ତର୍ମର୍ମ କେବଳ 'ଶାନ୍ତି-ସୌହାର୍ଦ୍ଦ୍ୟ-ସହନଶୀଳତା', ତହିଁ ଯୁଦ୍ଧ ଭଳି ବିକଟାଳ ତତ୍ତ୍ୱର ସଙ୍ଗତି କାହିଁକି?

ଏଭଳି ହେଉଛି କାହିଁକି ଓ ଏଥିରୁ ନିସ୍ତାର ପାଇବାର ଉପାୟ କଣ? କହିବା ବାହୁଲ୍ୟ, ଏ ବିପର୍ଯ୍ୟୟର ଏକମାତ୍ର କାରଣ ହେଲା କୌଣସି ଧର୍ମମତର ଆଭ୍ୟନ୍ତରିଣ ଅର୍ଥ, ଆବେଗ ଓ ବାର୍ତ୍ତାକୁ ଠିକ ଭାବରେ ନ ବୁଝିବା; ମୂଢ ମଣିଷ ଅନ୍ଧ ଭାବରେ ନିଜ ଧର୍ମ ଓ ନିଜ ଈଶ୍ୱରକୁ ଅନ୍ୟର ଧର୍ମମତ ଓ ଈଶ୍ୱରଠୁ ବଡ ବୋଲି କହିବା, ଅନ୍ୟକୁ ହେୟଜ୍ଞାନ କରିବା । ଅନେକେ ଯୁକ୍ତି ବାଢନ୍ତି ଯେ ଧର୍ମ ଦୁନିଆରେ ନାନା ବିଭାଟ ଓ ରକ୍ତପାତ ଭିଆଉଛି, ଓ ସଭ୍ୟ-ଶିକ୍ଷିତ ମଣିଷ ଯେକୌଣସି ଧର୍ମଠୁ ଦୂରେଇ ରହିବା ଉଚିତ । ଏ ପରିପ୍ରେକ୍ଷୀରେ ଏହାଠୁ ବଳି ଦୁର୍ଭାଗ୍ୟପୂର୍ଣ୍ଣ ମତ ଆଉ ଥାଇନପାରେ । ଆଗରୁ ଆମେ ଆଲେଚନା କରିଛୁ ଧର୍ମ କଣ । ଯାହାର ଅନ୍ତର୍ନିହିତ ମର୍ମ କେବଳ ମାତ୍ର 'ଶାନ୍ତି-ସୌହାର୍ଦ୍ୟ-ସହନଶୀଳତା' ତାହା କେବେବି ଭେଦଭାବ, ଅସୂୟା, ହିଂସା ସୃଷ୍ଟି କରିନପାରେ । ଅପର ପକ୍ଷରେ ଯାହାକିଛି 'ଶାନ୍ତି-ସୌହାର୍ଦ୍ୟ-ସହନଶୀଳତା'ର ବିରୋଧି, ତାହା କେବେବି ଧର୍ମ ପଦବାଚ୍ୟ ହୋଇନପାରେ । ଅର୍ଥାତ୍ ଯେଉଁ ଉକ୍ତି ବା ଚିନ୍ତାଧାରାରେ ଲେଶମାତ୍ର ଭେଦଭାବ, ଅସୂୟା ବା ହିଂସାଚାର ଥିବ, ତାହା ଧର୍ମାନୁମୋଦିତ ନୁହେଁ; ତାହା ଯେତେ ପରିମାଣରେ ଧର୍ମର ଦ୍ୱାହି ଦେଉ ନା କାହିଁକି । ଧର୍ମ ନୁହେଁ; ଧର୍ମର କୁବ୍ୟାଖ୍ୟା ହିଁ ସମାଜରେ ଭେଦଭାବ, ଅସୂୟା, ହିଂସା ସୃଷ୍ଟି କରେ । ଯେଉଁ ଚିନ୍ତାଧାରା କ୍ରୁର ହିଂସାଚାର ପ୍ରବର୍ତ୍ତାଏ ଓ ମୌଳିକ ମାନବିକ ଅଧିକାରରେ ବିସମତା ଜନ୍ମାଏ, ତାହା ଧର୍ମ ନୁହେଁ । ଯିଏ ହିଂସାଚାରକୁ ପ୍ରଶୟ ଦିଏ, ସେ ଧର୍ମଜ୍ଞ ବା ଧାର୍ମିକ ନୁହେଁ । ମାନବ ସଭ୍ୟତାର ଆଦିକାଳରୁ ଏଯାବତ୍ ନିରିହ ଜନତା ଉପରେ ହିଂସାଚାର ଭିଆଉଥିବା ଓ ମଣିଷ-ମଣିଷ ଭିତରେ ବିଭେଦ ସୃଷ୍ଟି କରୁଥିବା ଜନନେତା, ରାଜନେତା, ଧର୍ମଗୁରୁ, ପୋପ୍, ମୁଲ୍ଲା, ପୂଜକ, ଧର୍ମଯୋଦ୍ଧା - କେହି ମଧ୍ୟ ଧର୍ମର ଅନ୍ତର୍ନିହିତ ବୁଝି ନାହାନ୍ତି; ସେମାନେ ସମସ୍ତେ ଅଧର୍ମୀ, ବୀଭତ୍ସ ଭାବରେ ଅନ୍ଧ ।

ଏବଂ ଠିକ ଏଇଠି ଆସେ ଆଧୁନିକ ମାନବ ପାଇଁ ଚରମ ଆହ୍ୱାନ - ଧର୍ମ କଣ, ବିଭିନ୍ନ ଧର୍ମମତ କଣ, ଓ ସେମାନଙ୍କ ବାର୍ତ୍ତା କଣ - ତାହା ଜାଣିବା; ଅନ୍ୟକୁ ଜଣେଇବା । ଏଠାରେ ଲେଖକ ସାଧାରଣ ଜୀବନଚର୍ଯ୍ୟା କିଭଳି କରାଯିବ, ସେ ନେଇ ଧର୍ମ ଗ୍ରନ୍ଥ ଗୁଡିକରେ ଥିବା ନିର୍ଦ୍ଦେଶାତ୍ମକ ଗାଥା କଥା କହୁନାହିଁ । ପ୍ରତ୍ୟେକ ଯୁଗରେ ସାମାଜିକ ଚଳଣୀ ଓ ରିତି-ନୀତି ବଦଳୁଥାଏ; କୌଣସି ଧର୍ମଗ୍ରନ୍ଥରେ ନିହିତ ହଜାରେ ବର୍ଷ ପୁରୁଣା ନିର୍ଦ୍ଦେଶ (ବା, ତାହାର ଆଧୁନିକ ବ୍ୟାଖ୍ୟା) ଆଜି ଭ୍ରାନ୍ତ ମନେ ହୋଇପାରେ; ଏବଂ ସେ ନେଇ ବିବାଦ କରିବା ସାଂପତିକ ପରିପ୍ରେକ୍ଷୀରେ ଷ୍ଟୁହଣୀୟ ନୁହେଁ । ବରଂ ଯାହା ସମୟ ଅନୁସାରେ ବଦଳେ ନାହିଁ ତାହା ହେଲା ପ୍ରତ୍ୟେକ ଧର୍ମମତର ଅନ୍ତର୍ନିହିତ ଜୀବନ ଦର୍ଶନ; ତାହା କାଳଜୟୀ ଓ ସାର୍ବଜନୀନ । ଏରୂପ ଧର୍ମୀୟ ସଚେତନତାହିଁ ଏ ଧରାରେ ଶାନ୍ତି ପ୍ରତିଷ୍ଠା କରିପାରିବ । କେବଳ ତାହା ନୁହେଁ, ସମ୍ୟକ୍ ଧର୍ମୀୟ ସଚେତନତା ଓ 'ସର୍ବଧର୍ମ ସମାନତ୍ୱ'ର ବାର୍ତ୍ତା ଯୁଗ ଯୁଗ ଧରି ମାନବ ସମାଜକୁ ଅନାଚାର, ଅତ୍ୟାଚାରରୁ ରକ୍ଷାକରି ଚାଲିଥିବ । ଏବଂ, ଆଧୁନିକ ଯୁଗର ଜଣେ ମହାନ ଋଷି ଶ୍ରୀ ଅରବିନ୍ଦଙ୍କ ମତରେ ମାନବର ବିବର୍ତ୍ତନ ସରି ନାହିଁ, ମାନବର 'ଉତ୍ତରଣ' ବା ଦିବ୍ୟ-ଜୀବନ ଲାଭ ଅବଶ୍ୟମ୍ଭାବୀ । ନିଜକୁ, ନିଜ ପରିବେଶକୁ ଓ ନିଜ ଭବିଷ୍ୟତକୁ ସର୍ବାଙ୍ଗସୁନ୍ଦର, ଶାନ୍ତିପୂର୍ଣ୍ଣ, ସୁସ୍ଥ, ନିରାମୟ କରିପାରିବାର ଶକ୍ତି ମଣିଷର ରହିଛି ।

-0-



ବାଦାମ୍ ଦଉଚ ବାଟୋଇ ଭାଇ
ଖାଇବି ତୁମକୁ ମନେ ପକାଇ

ଈଶ୍ୱରାନୁଭୂତି - ୩

ସତ୍ୟ ରଞ୍ଜନ ଦାଶ, ଟରୋଣ୍ଟୋ, କାନାଡା

ଦୂରଦୃଷ୍ଟିରେ ପୂର୍ବରୁ ଈଶ୍ୱରାନୁଭୂତି ୧ ଓ ୨ ପ୍ରକାଶ ପାଇଥିଲା (ଦୂରଦୃଷ୍ଟି ଅଗଷ୍ଟ ୨୦୦୪, ଲେଖକ ଶ୍ରୀ ଜଗବନ୍ଧୁ ବେହେରା) । ସେଥିରେ ଲେଖକ ଶ୍ରୀ ଜଗବନ୍ଧୁ ବେହେରା ତାଙ୍କ ଜୀବନର ଚମତ୍କାର ଘଟଣାଗୁଡିକୁ ଏହି ଆଖ୍ୟା ଦେଇ ପ୍ରକାଶ କରିଥିଲେ । ମୋର ବିଚାରରେ ଏହି ପ୍ରକାର ଆକସ୍ମିକ, କିନ୍ତୁ ଅଦ୍ଭୁତ ଓ ଚିରସ୍ମୃତ ଘଟଣାଗୁଡିକୁ, ନାନା ବ୍ୟକ୍ତି ନାନା ଆଖ୍ୟା ଦେଇଛନ୍ତି, ଯଥା - ଭାଗ୍ୟ, ଭଗବାନ, ବିଡମ୍ବନା, ଲୌତିକ, ଅଲୌକିକ, ଦୈବିକ, ଆସୁରିକ, ଇତ୍ୟାଦି । ଯାହା ବି ଆଖ୍ୟା ଦିଆଯାଇଥାଉ ନା କାହିଁକି ମୋର ବିବେଚନାରେ ଏହି ଘଟଣାଗୁଡିକର ମୂଳତତ୍ତ୍ୱ ସମାନ, ଓ ତାହା ହେଲା କୌଣସି ଅଦୃଶ୍ୟ ହସ୍ତର ପରିଚୟ । ଆସନ୍ତୁ ଶୁଣିବା ।

୧୯୯୫ ଡିସେମ୍ବର ମାସ । କାନାଡାର ସାସ୍କାଚ୍‌ୱାନ୍ ପ୍ରାନ୍ତର ସାସ୍କାଟୁନ୍ ସହରରେ ଆମେ ସେତେବେଳେ ରହୁଥାଉଁ । ମୁଁ ମୋର କଂମ୍ପ୍ୟୁଟର ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିବାରେ ଓ ଅପର୍ଣ୍ଣା ଡାଲିଁ ଓ ତୃଷାଙ୍କର ପାଳନ ପୋଷଣରେ ବ୍ୟସ୍ତ । ସେତୋରେ ହାଡଭଙ୍ଗା ଶୀତ । ପ୍ରାୟ ଦିନସାରା ତାପମାନ ରହେ -୨୫°c ଓ ଅବିରତ -୪୦°c । ସେ ଅଦ୍ଭୁତ ଜାଗାରେ ଯଦି କେବେ ତାପମାନ -୧୦°c ହୋଇଯାଏ ତେବେ ଆମେ ଛାତାବାସର ବାସିନ୍ଦାମାନେ କୁହାକୁହି ହେଉ ଯେ ଆଜି ବଡିଆ ପାଗ । ସପରିବାର ପଦଚାଳନାର/ପରିଭ୍ରମଣର ଛୋଟିଆ ସୁଯୋଗଟିଏ ସୃଷ୍ଟି ହୋଇଯାଏ ଆପେ ଆପେ ।

କିଛି ମାସ ତଳେ ଆମ ଜୀବନର ପ୍ରଥମ ମଟର କାରଟିଏ ଆମେ କିଣିଥିଲୁ । ମୁଁ ନିଜେ ଯଥାଶୀଘ୍ର ସମ୍ଭବ ଡାଇଭିଂ ଶିଖି ଯାଇଥିଲି, କିନ୍ତୁ ଅପର୍ଣ୍ଣାର ସେ ପର୍ଯ୍ୟନ୍ତ ଡାଇଭିଂ ପରୀକ୍ଷା ସରି ନ ଥାଏ । ତା'ର ପରୀକ୍ଷାଟି ନିକଟ ଭବିଷ୍ୟତରେ ଘଟିବାର ନିର୍ଣ୍ଣୟ ହୋଇଥିଲା ।

ଏ ସବୁ ହେତୁ, ଆମେ ଅପର୍ଣ୍ଣାର ଡାଇଭିଂ ଅଭ୍ୟାସ ମାର୍ଜିତ କରିବା ପାଇଁ ମଝିରେ ମଝିରେ ସାସ୍କାଟୁନ୍ ସହରରେ ଭ୍ରମଣ କରିଥାଉଁ । ଆମେ ସଚେତନ ଥିଲୁ ଯେ ଜନବହୁଳ ରାସ୍ତାରେ ନୂଆ ନୂଆ ଡାଇଭିଂ କଲାବେଳେ ରାସ୍ତାର ଦୃଶ୍ୟରାଜି ଏକାଗତାରେ ବାଧା ସୃଷ୍ଟିକରନ୍ତି । ଏହା ଭାବି ଆମେ ସେ ଦିନ ସହରରେ ଡାଇଭିଂ ଅଭ୍ୟାସ ନ କରି ନଗରୋପକଣ୍ଠ ଅଞ୍ଚଳରେ ଅଭ୍ୟାସ କରିବା ଶ୍ରେୟସ୍କର ମଣିଲୁ ।

ବାସ୍ତବରେ କାନାଡାର ପାଇରୀ ପ୍ରଦେଶଗୁଡିକ ଶୀତଦିନରେ ଥଣ୍ଡା ସିନା ଅସୀମ, କିନ୍ତୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର, ବିଶେଷତଃ ଗାମ୍ୟାଞ୍ଚଳ ସ୍ଥାନ ଗୁଡିକ । ସାସ୍କାଟୁନ୍‌ର ଶୀତଦିନର ତୁଷାର ଆବରିତ ପ୍ରାନ୍ତ ସତରେ ଲାଗେ ଯେପରି ଧଳା ବାଦଲରେ ମଣିଷ ପୁଷ୍ପକ ବିମାନରେ ପରିଦର୍ଶନ କଲାପରି । ମଝିରେ ମଝିରେ ବିଲ-ବାଡିର କୁଦଗୁଡିକ ଛୋଟ ଛୋଟ ପାହାଡର ଆକ୍ଷା ନେଇ ଇନ୍ଦ୍ରପୁରୀର କାଳ୍ପନିକ ପରୀରାଇଜ ଭାବନା ଅନ୍ତର୍ଦୃଷ୍ଟିରେ ଝଲସାଇ ଦିଅନ୍ତି । କୌଣସି ଅପରିଚିତ, ଅଜଣା କାରଣରୁ ଏକ କବିତା ସ୍ୱତଃସ୍ଫୁର୍ତ୍ତ ଭାବରେ ପ୍ରକଟିତ ହେଲା । ତା'ର ମାର୍ଜିତ ରୂପ ଏହିପରି:

ଚଉଦିଗେ ଘୋଟିଅଛି ସ୍ୱଚ୍ଛ, ଶୁଭ୍ର, ନିବିଡ ଚାଦର
ଦୁନିଆ ଅଦ୍ଭୁତ, ଆଲୋକ ଏଠି ପରିଭାଷା ତିମିରର ।

ଦୃଶ୍ୟ କିବା ଏ ଅଲୌକିକ ବା ମରୀଚିକା ଏକ ଧରଣୀର
ବାସ୍ତବିକ କ'ଣ ଇଏ ସ୍ୱର୍ଗ, ନନ୍ଦନକାନନ, ନା ମେଦିନୀପୁର ।

ଭମିଥିଲି ନନ୍ଦନକାନନେ ପରୀ ରାଇଜେ ଅତୀତରେ
ଧୁମ୍ର, ଧବଳ, ଶ୍ୱେତ କୁଜ୍ଝଟିକା ଏହିପରି ସେ ସ୍ୱପ୍ନରେ ।

ଚିନ୍ତୁଥିଲି ତୁଷାର ଆବୃତ ଏସ୍କିମୋ ହେବ ଦେଶ କେହିପରି
ଦେଖି ଏବେ ମୋର ମୁଖେ ନାହିଁ ଭାଷା ବଖାଣିବି କିପରି ।

ସ୍ୱଚ୍ଛ, ପ୍ରଶାନ୍ତ, ନୀରବ, ନିଶ୍ଚଳ, ଅବ୍ୟକ୍ତ ଶକ୍ତି ତାହାର
ସୁପ୍ତ ଆଗ୍ନେୟଗିରି ତୁଲ ଭୟାନକ ସାମର୍ଥ୍ୟ ଗୁମର ।

ଦୃଶ୍ୟ ଅତୀବ ରମଣୀୟ ହେଲେ ମନର ତୃଷା କିପାଇଁ ଅତୃପ୍ତ ପ୍ରାବଲ୍ୟ ଶୀତରେ, ଶରୀର ଅଭୀପ୍ସୁ ହେବାପାଇଁ ଚିର ଶିଥିଳ ॥

ସାସ୍କାଚ୍‌ଓ୍ୱାନ୍ ପ୍ରାନ୍ତର ବିଗତ ସ୍ମୃତିର ଗୋଟେ ବିଶେଷ ଦୃଶ୍ୟ ବାରମ୍ବାର ମନେପଡେ, ସେଇଟି ହେଲା ହୋର୍‌ଫ୍ରୋଷ୍ଟ୍ । ଏପରି ଏକ ଦୃଶ୍ୟ ଆଗରୁ ମନର ଛବିରେ ନିଶ୍ଚିତ ଭାବରେ ସୃଷ୍ଟିଥିଲି, କିନ୍ତୁ ଏହାର ବାସ୍ତବିକ ରମଣୀୟତା କେବଳ ଚକ୍ଷୁରେହିଁ ଅନୁଭବ କରିହେବ । ଏହାର ଗୋଟେ ପ୍ରତିଛବି ଦେଖନ୍ତୁ ।



ସେ ଯାହାହେଉ ସାସ୍କାଚ୍‌ଓ୍ୱାନ୍‌ର ମନୋରମତାର ଯବନିକାକୁ ପଛରେ ପକେଇ ଚାଲନ୍ତୁ ଆଗକୁ ଯିବା ।

ଅପର୍ଣ୍ଣା ଓ ମୁଁ ପ୍ରକୃତିର ଏହି ସୌନ୍ଦର୍ଯ୍ୟ ଉପଭୋଗ କରି ନଗରୋପକଣ୍ଠ ଗ୍ରାମ୍ୟ ଅଭୁମିଖେ ଖୁବ ଖୁସିରେ ପରିଭ୍ରମଣ କରୁଥିଲୁ । ମୂଳ ଅବ୍ୟକ୍ତ ଅଭିପ୍ସା ହେଲା "ଦିଅଁ ବି ଦେଖା ହେବ, କଦଳୀ ବି ବିକା ହେଇଯିବ" । ବିରଳ ଜନଶୂନ୍ୟ ଗ୍ରାମ୍ୟ ଭୂମିର ସୌନ୍ଦର୍ଯ୍ୟ ଉପଭୋଗ ସଙ୍ଗେ ସଙ୍ଗେ ଅପର୍ଣ୍ଣାର ଡାଇଭିଂ ବି ନିରାପଦରେ, ପ୍ରାୟ ଲୋକଙ୍କ ଦୃଷ୍ଟିଗୋଚର ବାହାରେ ଅଭ୍ୟାସ କରିହେବ ।

ପ୍ରଧାନ ସଡକ ଅତିକ୍ରମ କଲା ପରେ ମୁଁ ଡାଇଭିଂ ନକରି ଅପର୍ଣ୍ଣା ଜିମାରେ ଗାଡି ଛାଡିଦେଲି । ତା'ପରେ ଅପର୍ଣ୍ଣା ଗ୍ରାମ୍ୟ ସଡକ ଉପରେ ସୁରୁଖୁରୁରେ ଗାଡି ଚଲାଇଲାବେଳେ ମୁଁ ହାତ ଉପରେ ହାତ, ଓ ଗୋଡ ଉପରେ ଗୋଡ ରଖି, ବେଶ୍ ପ୍ରସନ୍ନତା ସହିତ ପ୍ରକୃତିର ଚମତ୍କାରିତାକୁ ମନୋରଞ୍ଜନ କରିବାରେ ନିମଜ୍ଜିତ ଥିଲି । ଗୋଟିଏ ଜିନିଷର ଅଭାବ ଥିଲା - କପେ ଚା ଓ ଚା'ର ଖୁସ୍‌ବୁ ।

ମଝିରେ, ମଝିରେ ଏହିପରି ସଂଭାଷଣ ଚାଲିଥିଲା ।

"ଦେଖିକି ଚଲୋଉଥିବ । ଯେମିତି ବରଫରେ ଚକ ପୋତି ନ ହେଇଯାଏ ।"
"ଓହୋ ସେମିତି ବେକାର ଚେତାବନୀ କାହିଁକି ବାରମ୍ବାର ଦେଇକି ମତେ ହତବୁଦ୍ଧି କରିଦେଉଛ କହିଲ ?"
"ଆଉ ତାଗିଦ୍ ନ କଲେ ବିପଦ ବହୁତ, କେହି ସାହା-ଭରଷା ଆଖ ପାଖରେ ନାହାନ୍ତି ।"
"ତମେ ତମର ଯେଉଁ କାମ ପାଇଁ ଆସିଚ ତା' ଦିହରେ ଜଡିତ ରହିଥାଅ । ମୁଁ ମୋ କାର୍ଯ୍ୟ କରୁଛି ।"

ଏହିପରି ଲାସ୍ୟବନ୍ତ, କିନ୍ତୁ କର୍ମପ୍ରାସଙ୍ଗିକ କଥୋପକଥନ ମଧ୍ୟରେ ହଠାତ୍ ଗୋଟେ ସଂକୀର୍ଣ ସଡକରେ ଏକ ତୀକ୍ଷ୍ଣକୋଣୀୟ ମୋଡ ନେଲାବେଳେ, କାରର ବାମଚକାଟି ରାସ୍ତା କଡ ତୁଷାରଗଦାରେ ପୋତି ହେଇଗଲା । ମନକୁ ମନ ଭାବୁଥାଏ ବାପାଙ୍କ ଉପଦେଶ "ଯେଉଁ କଥାର ବେଶୀ ଆଶଙ୍କା କରିବୁ, ସେଇଆହିଁ ହେବ ।" ଅବଶ୍ୟ, ଆଜିକାଲି ସେଇ ଦେଶୀ ଉପଦେଶ ମ୍ୟାନେଜମେଣ୍ଟ ଜଗତରେ ବହୁତ ସମ୍ମାନସୂଚକ ଆଖ୍ୟା ଦିଆଯାଇଛି, ଅତିରଞ୍ଜିତ 'ମର୍‌ଫିଜ୍ ଲ' ନାମରେ ।

ବଡ ଗମ୍ଭୀର ପରିସ୍ଥିତି । ଆମେ ଗୋଟେ ଛକ ରାସ୍ତାସମୂହ ପାର୍ଶ୍ୱରେ ଅଟକି ଯାଇଛୁ । କିଛି ଅମାପିତ ସମୟ ଅତିବାହିତ ହେଲାପରେ, କିଂକର୍ତ୍ତବ୍ୟମୂଢ ଅବସ୍ଥାରୁ ମୁକ୍ତ ହୋଇ, ଦୁହେଁ କାର୍‌ର ଦୁଆର ଖୋଲି ବାହାରକୁ ଆସିଲୁ । ଦୁଆରଟି ଖୋଲିଦେଲା ମାତେ ଶୀତର ପ୍ରକୋପ ଅନୁଭବ କଲୁ । ମନ ହେଉଥିଲା କି ସତେ ଆମେ କୌଣସି କୁହୁକ ବିଦ୍ୟା ଦ୍ୱାରା କିପରି ଆମର ଗୃହର ଉଷ୍ମ ରେଜେଇରେ ପଶି ଦୁହେଁ ଆଦିମ ମନୋରଞ୍ଜନରେ ସମୟ ବିତାନ୍ତୁ ।

ଯେହେତୁ ସେ ଜନଶୂନ୍ୟ ଇଲାକାରେ ଆଖିପାହାନ୍ତାରେ କେହିବି ଦେଖା ଯାଉନଥିଲେ, ଆମେ ପରସ୍ପରକୁ ପ୍ରଶ୍ନବାଚକ ଆଖିରେ ନିରବରେ ଚାହିଁ ରହିବା ଛଡା ଅନ୍ୟକିଛି ଚାରା ପାଉନଥିଲୁ । ସମ୍ମୁଖରେ ମାଇଲ ମାଇଲ ଧରି ଧବଳ ପ୍ରାନ୍ତର । ମଣିଷ ତ ଦୂରର କଥା, କୌଣସି ଜୀବ-ଜନ୍ତୁଙ୍କର ବି ସଙ୍କେତ ନଥିଲା ।

ଟିକିଏ ଗଭୀରତା ସହିତ ଚାରିଆଡକୁ ଦେଖିଲା ପରେ ଦୁରରେ ଏକ ଫାର୍ମହାଉସ ଆମ ନଜରକୁ ଆସିଲା । ଏ ପରିସ୍ଥିତିରେ ନିର୍ଜନ ପାନ୍ତରେ ଫାର୍ମହାଉସଟିଏ ଦେଖିଲାମାତେ ଏପରି ଅପରିସୀମ ଆନନ୍ଦ ଉପଭୋଗ ଯେ କରିହୁଏ ତାହା ବୁଝିବାକୁ ଆମକୁ ବେଶି ସମୟ ଲାଗିଲା ନାହିଁ । ଫାର୍ମହାଉସଟି ବୋଧହୁଏ ଦଶ କିଲୋମିଟରରୁ ଶୀର୍ଷରେ ହେବ । ସେ ଆନନ୍ଦ କିନ୍ତୁ ପର ମୁହୂର୍ତ୍ତରେ ଦ୍ୱନ୍ଦ୍ୱ ଓ ଅବସାଦରେ ପରିଣତ ହେଲା ।

ଦ୍ୱନ୍ଦ୍ୱର କାରଣ ଏହା ଯେ ଚାଲିକି ଦୁହେଁ ସେ ଫାର୍ମହାଉସକୁ ଯିବା ନା ଜଣେ ଗାଡିରେ ଜଗିରହିବ ? ବିପଦ ଏହା ଯେ ସେ ଧବଳ ମରୁଭୂମିରେ ଶୀତଦିନରେ ଅନେକ କୃଷକ ତାଙ୍କ ଗାମ ଛାଡି ସହରରେ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ ଯାପନ କରନ୍ତି । ଗୀଷ୍ମଋତୁର ପାଗ ଫେରି ଆସିଲେ ପୁଣି ଗାମକୁ ଫେରିଆସନ୍ତି । ସେଇଆ ଯଦି ହୁଏ, ଏବଂ ତାଙ୍କ ଘର ଯଦି ତାଲା ପଡିଥାଏ, ତାହା ହେଲେ ସେ ଥଣ୍ଡାରେ କଣ' ଜଣେ ମଣିଷ ଦଶ-ଦଶ ସମୁଦାୟ କୋଡିଏ କିଲୋମିଟର ପଦଚାଳନା କରିପାରିବା ସମ୍ଭବପର ?

ଅବସାଦର କାରଣ ଏହା ଯେ ଫାର୍ମହାଉସର ଏହି ବିପଦ ଜାଣିବା ସତ୍ତ୍ୱେ ବି ଆମ ପାଖରେ ଆଉ କୌଣସି ଉପାୟ ନଥିଲା । ଆମ ପାଖରେ ଯେତିକି ପେଟୋଲ ଥିଲା ସେତିକି କେବଳ ଅତିବେଶୀରେ ୩ ଘଣ୍ଟା ଇଞ୍ଜିନ୍ ଚାଲୁ ରଖିବ । ଯେହେତୁ ଥଣ୍ଡା ପ୍ରବଳ, ଇଞ୍ଜିନ୍ ଯଦି ବନ୍ଦ କରିଦେଉଁ ତା'ହାହଲେ ମୃତ୍ୟୁ ୩-୪ ମିନିଟରେ ଅନିବାର୍ଯ୍ୟ । ତେଣୁ ଅତି ବେଶୀ ସମୟ ଗାଡିରେ କଟେଇବା ପ୍ରଚଣ୍ଡ ମୂର୍ଖତା ଛଡା ଅନ୍ୟ କିଛି ନୁହେଁ ବୋଲି ଅପର୍ଣ୍ଣା ଓ ମୁଁ ଏତେବେଳକୁ ବେଶ୍ ବୁଝିପାରିଥିଲୁ ।

ଏହା ପରି ବିଭିନ୍ନ ଭାବନା ମନରେ ଘୁରି ଚାଲିଥିବାବେଳେ ହଠାତ୍ ଆର ମୋଡରୁ, ସେ ପାଇନ୍ ଗଛ ବୁଦା ସେପାରି ରାସ୍ତାରୁ, ଗୋଟେ ଛୋଟ ଟକ ଆମ ପାଖରେ ପହୁଁଚିଗଲା । ଆମକୁ ଦେଖି ସେ ଟକରୁ ଦୁଇ ଦୃଢକାୟ ଯୁବକ ଲଂଫ ମାରିଲେ ।

ଏ ସମୟରେ ଆମେମାନେ ହତାଶ ଏବଂ (ଅପତ୍ୟାଶିତ) ଭାଗ୍ୟର ଶୁଭ ସମଷ୍ଟିର ମୃଦୁ ହୃତ୍କଂପନର ପ୍ରଭାବରେ ଆକାନ୍ତ ହୋଇ ନିର୍ବାକ୍ ହୋଇଥିଲୁ । ଯୁବକ ଯୁଗଳ ଦୁଇଟି ବେଲ୍‌ଚା ଧରି ଆମ ଗାଡି ପାଖକୁ ଆସିଲେ । ସଙ୍ଗେ ସଙ୍ଗେ ଦୁହେଁ ବେଲ୍‌ଚା ଦ୍ୱାରା ଚକ ମୂଳ ଖୋଳି ଦେଲେ । ଜଣେ ଯୁବକ କ୍ଷିପ୍ର କୁଦ ମାରି ତାଙ୍କ ଟକରୁ ଏକ ଦୌଡି ଆଣି ମୋର ଗାଡି ପଛ ଏକ ରଡ୍‌ରେ ସଂଯୋଗ କଲେ । ଆଉ ଜଣେ ଯୁବକ ସେଇ ସମୟ ମଧ୍ୟରେ ଟକର ଡାଉଭର ଧାର ଦୁଆର ପାଖରେ ଠିଆ ହୋଇ ମୋତେ ଅଙ୍ଗୁଠିରେ ଇଶାରେ କଲେ ଯେ କାରକୁ ପଛ ଦିଗରେ ଟିକେ ଆକ୍ସିଲରେଟର୍‌ରେ ଚାପ ଦେବା ପାଇଁ । ମନେ ରଖିଥାନ୍ତୁ ଏ ପର୍ଯ୍ୟନ୍ତ ବି ଏ ଦୁଇ ଯୁବକ ଓ ଆମ ମଧ୍ୟରେ କୌଣସି ଶବ୍ଦ ବିନିମୟ ହୋଇନି ।

ମୁ ସଙ୍ଗେ ସଙ୍ଗେ ଇଙ୍ଗିତ ପାଳନ କଲି । ମୁହୂର୍ତ୍ତକ ମଧ୍ୟରେ ଗାଡି ଆମର ରାସ୍ତାରେ ପୁନର୍ବାର ସବାର ହେଲା । ଗାଡି ଭିତରୁ ବାହାରକୁ ଆସିକି ଧନ୍ୟବାଦ ଜଣାଇବା ପୂର୍ବରୁ ଦୁହେଁ ଟକ ଧରି କୁଆଡେ ଦ୍ରୁତଗତିରେ ଅନ୍ତର୍ଧ୍ୟାନ ହୋଇଯାଇଥିଲେ । ମୁଁ ଓ ଅପର୍ଣ୍ଣା ଉଭୟ ପରସ୍ପରକୁ ନିର୍ବାକ୍ ନିର୍ବାକ୍ କିନ୍ତୁ ଅର୍ଥପୂର୍ଣ୍ଣ ଚକ୍ଷୁରେ ଚାହିଁ ରହିଲୁ । କୋଣସି ବାକ୍ୟ ବିନିମୟ ହୋଇ ନ ଥିଲା । ବୋଧହୁଏ ଆମେ ଦୁହେଁ ନିଜ ହୃଦୟ ଭିତରେ ଲୋଚାକୋଚା ବିବେଚନାର ଆବର୍ତ୍ତନରେ ନିମଗ୍ନ ଥିଲୁ ।

ପାଠକମାନେ ଜାଣିଥିବେ ଆମ ଜଗନ୍ନାଥ କିମ୍ବଦନ୍ତୀରେ କିପରି କୃଷ୍ଣ-ବଳରାମ ଗଉଡୁଣି ହସ୍ତରୁ ଦୁଗ୍ଧ ପାନକରି ଉଚିତ୍ ସମୟରେ ଆବିର୍ଭୂତ ହୋଇଥିଲେ । ଏବେ ବି ଆମେ ଭାବୁ ସତେ କଣ ଗଉଡୁଣିର କାହାଣୀର ପୁନରାବୃତ୍ତି ସୁଦୂର କାନାଡାରେ ଘଟିଗଲା !

(ଲେଖକ ତାଙ୍କ ସହଧର୍ମିଣୀ ଅପର୍ଣ୍ଣା ଏବଂ କନ୍ୟା ଡାଲି ଓ ତୃଷାଙ୍କ ସହିତ ଟରୋଣ୍ଟୋରେ ରୁହନ୍ତି ।)

-0-

PARADIGM SHIFT – 3 (SOUL SEARCHING)

By Biswaranjan Jena

A father of an economically stable family wishes that his son knew what was it to have a true soul; he took him to a very country side of the continent, in his vacation. In the deep of a hill, with a farmer's family and wild cattle etc, they spent five days and four nights, in its house of the field.

In the car while returning from the airport to home, the father asked his son, "How does this experience seem to you?"

His son answered to him: "Good". The son with the glance in direction towards the high buildings, without any preoccupation on the question formulated by his father. "And what you learned my son?", the father insisted.

The son answered to him: "Father, I learned, in house, we have five dogs to safeguard us and they have a father to safeguard them , we have a great jacuzzi, and they have a river without end, the water is transparent and crystalline, where there are many fish, we have in our house lanterns of India to illuminate our garden of roses, however, they illuminate with stars and the moon, our single garden arrives until near the end of the mural and the one of their arrives at the horizon, that we bought our food from the supermarket and they seed and harvest their own, we listened to digital sound, they listen to a sweet symphony of sounds of frogs, toads, crickets and other animals, we cooked in electrical kitchen, they eat everything of a great delicious taste that of the firewood furnace. In order to take care of us, we live surrounded by a wall, with many alarms, they live with their opened doors, protected by the friendship of the near neighbors, we lived pending on the moving body, the computer in the name of technology, the television set in the name of seeing the world, the home theater in the name of entertainment, thousand of books in the shelf in the name of knowledge searching etc, they however, are connected to the practical natural life, the sky, the sun, the water, the green hill, the wild animals, their sowing and its family."

The father hit by the very depth of the answers of his ever cheveril son.

Then the son culminate saying to his father: "Thanks Pap, good to have you taught me about the paradigm shift and helping me in search of a true soul & make me understand the poor man that we are. In the life we realize that we did not even enjoy a little which we have and whatever we suffered so much, that we wished and we yearned for, we do not realize that the life is very short, is a temporary passage, and if we do not see ourselves around , the time we have in hand , surely we will lose ourselves of the beautiful things that the life offers to us, although there is a great saying that we have not put due attention to it , it says: 'A MAN IS AS OLD AS HIS PREJUDICES & AS YOUNG AS THEIR IDEAS', that the beautiful things of the world can be seen so easily , but neither of them can be touched nor can be realized unless they are felt within your own heart by yourself only. "

The pity father who tried to make his son understand about the paradigm shift is no other than Vulcan himself & the cheveril son no other than Ranjan, the growing. ☺

A paradigm shift is the movement from one paradigm to another. One of the more common meanings of the term 'paradigm shift' is "traditional way of thinking" vs. "new way of thinking." Some seem to think that paradigms can be created by individuals or groups who consciously set out to create them. They seem to mean by 'paradigm' nothing more than 'a set of personal beliefs' based on their life experiences or so, which in another way is restricting themselves from new ways of thinking, experiences & learning.

GLIMPSES OF BAGHA JATIN

SATYAVRATA BHARADWAJ

Aristotle thought that - to be appreciated by men - a subject should neither be too big, nor too small. In the case of Bagha Jatin, the unusually rich and complex character has been trimmed to an over-simplified stature of a martyr who had happened to kill a tiger in a wrestling bout. On reviewing, however, a thesis on Bagha Jatin, a French historian was reminded of an opera by Giuseppe Verdi. M.N. Roy believed that the battle of Balasore itself - where Jatin fought and died - had enough grandeur of an epic, with the drama woven around the man, his character, his personality. In the 70s, eager to hold up an ideal before the wayward youth, Satyajit Ray seems to have thought of a documentary on Bagha Jatin with the Films' Division.

Shrouded by legends, popular as Bagha Jatin, Jatindranath Mukherjee, in his short span of life (7/12/1879 – 10/9/1915), had attained immortality: hato va prapsyasi svargam. His elder sister and alter ego Vinodebala Devi had kept notes and anecdotes with a real-life picture of the man; in 1923, Upen Banerjee, Amarendra Chatterjee, Jadugopal Mukherjee, Satyen Majumdar and Praphulla Sarkar (founder of the Anandabazar group of papers) consulted her, before publishing his first biography Biplaber Bali ('An Offering to Revolution'), to be proscribed in no time. So did Lalitkumar Chatterjee (Jatin's uncle and colleague) and Hemanta Sarkar. 9 September 1923 was chosen not only to celebrate openly from Kolkata to Peshawar1 Jatin's heroic battle but, also, to warn the Government that the first batch of revolutionaries, on returning from exile and prisons, remembered themselves to the public, as an alternative to Gandhi's policy : Amarendra published a new daily, the Swadesh, with a special Bagha Jatin issue; Deshabandhu Chittaranjan was planning to found a memorial in Balasore; simultaneously, inspired by some of them, Bhagat Singh (the future martyr) published articles on Bagha Jatin in Punjabi.2 A score more books came out since August 1947. But none could portray successfully the beloved leader. Whereas, turn by turn, the major avenues, streets and public parks of Kolkata were being vainly proposed to be renamed after Bagha Jatin, one of his followers, Bhupendrakumar Datta – having interviewed Jatin's contemporaries and having consulted Indian archives – passed his notes to a young scholar, guiding him to write a reliable biography. After fifty years of research - the groundwork being ready3 (with additional documents from European and American archives), is it not time to evaluate who Bagha Jatin was and the significance of what he did ?

The greatest influence on Jatin was his mother Sharat-Shashi Devi: fond of essays by Bankim and Yogen Vidyabhushan, a fiery and charitable widow, she had succumbed to the contagion while nursing a cholera patient. As a college student, impatient to solve some value-centred questions, Jatin learnt from Vivekananda that India's political freedom was indispensable for the spiritual deliverance (moksha) of mankind. For this, he was to prepare patriots with iron muscles and nerves

[1] *Biplaber padachinha*, by Bhupendrakumar Datta, 2nd Edition (Orient Longman), 1973, pp156-157

[2] *loc. cit*

[3] (a) *Sadhak biplabi Jatindranath*, by Prithwindra Mukherjee, Pash-chim Bângala Pustak Parshat, Kolkata

(b) *Bagha Jatin*, by Prithwindra Mukherjee, Dey's Publishing, Kolkata

(c) *Undying Courage*, by Prithwindra Mukherjee, Academic Publishers, Kolkata, 1991

(d) *Les origines intellectuelles du movement d'indépendance de l'Inde (1893-1918)*, Thesis for State Doctorate by Prithwindra Mukherjee (supervisor Raymond Aron, University Paris-Sorbonne IV)

of steel, subliming the libido in utter dedication to the Motherland. In a Police Report, in contrast with the vulnerability of a few illustrious leaders that he enumerated, J.E. Armstrong upheld that Jatin "owed his pre-eminent position in revolutionary circles, not only to his quality of leadership, but in great measure to his reputation of being a Brahmachari, with no thought beyond the revolutionary cause."4 To several of his followers, Jatin personified the essence of the Gita: his equanimity generated in the listeners' hearts a conviction that nothing was impossible.5

In 1899, employed by the barrister Kennedy of Muzaffarpur, young Jatin heard him campaigning for a National army for India. And he came to know how the British safeguarded the imperial interests in China and elsewhere by squandering Indian budget. This led Jatin to work for winning over the Indian soldiers with patriotic ideology. As yet, he concentrated exclusively on a two-pronged programme:
social service : ample reports show him by the side of Nivedita, during plague
relief in late 1890s;6 with a semi-military volunteer corps and qualified medical men from all social and religious origins, nursing plague and cholera stricken patients and cremating their condemned bodies, attending large fairs and pilgrimages such as the Ardhodaya Yoga, the annual celebration of Ramakrishna;7 organising flood relief in Burdwan and Contai;8
all-round body building, violent football matches, studying Bankimchandra and Vidyabhushan, meditating on the Gita, listening to guest scholars, staging patriotic plays. A gifted actor, Jatin made of the urban stage and the rural operas (yatra and charan) a powerful organ of propaganda.9

The "earliest known attempts in Bengal to promote societies for political or semi-political ends", by P. Mitter, Sarala Ghoshal and Okakura, "commenced in about the year 1900", and "flourished particularly at Kushtea" under Jatin.10

On meeting Sri Aurobindo and J.N. Banerji (Niralamba Swami) in 1903, Jatin with his followers joined their secret preparation for an armed insurrection. Both Banerji (in Upper India) and Jatin (in Bengal), with their personal influence, added to it the participation of army men. As "Sri Aurobindo's direct contact" Jatin organised and led secret societies in the districts, up to Darjeeling,11 backed the publishers of the Jugantar.12 According to Hemendraprasad Ghose (Sri Aurobindo's cousin and a member of the centre in Deoghar where Jatin and Barin worked with their associates and where, even the latter's mother, Swarnalata Devi, volunteered to keep a watch on the bomb factory inside her cottage, with a sword), Jatin controlled the Jugantar movement for over ten years.13

Jatin's revolutionary project included three phases: individual martyrdom; guerrilla; and, finally, mass movement. Disapproving Barin's centralised organisation (pattern to be followed by the Dhaka Anushilan) and untimely terrorism in a spirit of showdown -, Jatin developed a loose confederation of regional groups which will prove its merits during prosecutions like the Howrah Gang case. For instance, managing the groups in Natore, Dighapatiya and Jamalpur under Jatin's

4. *Terrorism in Bengal*, edited by Amiya K. Samanta, Vol.II, p393
5. *Biplabî jîban'er smriti*, by Jadugopal Mukherjee, 2ne edition, 1982, pp351-352
6. *Nivedita lokamata*, by Shankariprasad Basu, several references
7. *Political Trouble in India*, J.C. Ker, p9; *Terrorism…*,several references
8. *Ibid*
9. *Two Great Indian Revolutionaries*, U. Mukherjee, p163, fn2
10. *Terrorism*, Nixon's Report, Vol.II, p501
11. Home Polit-Progs A, March 1910, No.33-40, quoted by Sumit Sarkar, *The Swadeshi Movement in Bengal*, 1977, p376
12. *op. cit.*, pp531-534
13. « Biplabi Bângalâ » in *Galpa-bhârati*, kartik 1358 (October, 1951)

leadership, Satish Sarkar14 ignored that Amaresh Kanjilal was playing exactly the same role in Mymensingh, Dinajpur, Rangpur, Cooch Behar. "Secrecy was absolute in those days – particularly with Jatin."15

